# "ମୁଁ କୌଣସି ଭୁଲ୍ ନକରି ମଧ୍ୟ ଗାଁରୁ ଏକ ପ୍ରକାର ବାଛନ୍ଦ ହୋଇ ପଡ଼ିଛି" !

ମୋର ନାମ ସଞ୍ଜିବ୍ କୁମାର ପ୍ରଧାନ (ଛଦ୍ମନାମ) । ଘର ଡେଲାଙ୍ଗ ଥାନା ଅନ୍ତର୍ଗତ ପୁରୀ ଜିଲ୍ଲାରେ । ବାପା ଜଣେ ଚାଷୀ । ପରିବାରରେ ଆମେ ଦୁଇ ଭାଇ ଓ ଦୁଇ ଭଉଣୀ । ଘରେ ଦୁଇ ଭଉଣୀ ଅବିବାହିତ । ବଡ଼ ଭାଇ ସୈନିକ ଭାବରେ କାମ କରନ୍ତି । ମୁଁ ଭୁବନେଶ୍ୱରରେ ଏକ ବେସରକାରୀ ଅନୁଷ୍ଠାନରେ କାର୍ଯ୍ୟ କରୁଅଛି । ଟ୍ରେନ୍‌ରେ ପ୍ରାୟ ସର୍ବଦା ଘରକୁ ଯିବା ଆସିବା କରିବାକୁ ପଡ଼େ । ଦିନେ ମୁଁ ଟ୍ରେନ୍‌ରେ ଘରକୁ ଯିବା ସମୟରେ ମୋ ପାଖରେ ଜଣେ ସ୍କୁଲ୍‌ର ଶିକ୍ଷୟିତ୍ରୀ ଠିଆ ହୋଇ ଯାଉଥିଲେ । ମାନବିକତା ଦୃଷ୍ଟିରୁ ମୁଁ ତାଙ୍କୁ ନିଜେ ଠିଆ ହୋଇ ମୋର ବସିଥିବା ସିଟ୍‌କୁ ତାଙ୍କୁ ବସିବା ପାଇଁ ଦେଲି । ଆମେ ଉଭୟେ ଗୋଟିଏ ଷ୍ଟେସନ୍‌ରେ ଓହ୍ଲାଇଲୁ । ଏପରିକି ଗୋଟିଏ ଗାଁକୁ ମଧ୍ୟ ଗଲୁ । ଅର୍ଥାତ୍ ମୋତେ ଜଣା ନଥିଲା, ମ୍ୟାଡାମ୍ ହେଉଛନ୍ତି ଆମ ଗାଁ ସ୍କୁଲ୍‌ର ଶିକ୍ଷୟିତ୍ରୀ । ଏହାପରେ ଉଭୟଙ୍କ ମଧ୍ୟରେ ବନ୍ଧୁତା ବଢ଼ିଲା । ବନ୍ଧୁତା ଧିରେ ଧିରେ କଥାବାର୍ତ୍ତା ହୋଇ ନିବିଡ଼ ହେବାକୁ ଲାଗିଲା । ଧିରେ ଧିରେ ଏହା କେତେବେଳେ ଯେ ପ୍ରେମରେ ରୂପାନ୍ତରିତ ହୋଇଗଲା, ତାହା ମୋତେ ଜଣା ନଥିଲା । ସର୍ବଦା ମୁଁ ତାଙ୍କୁ ଆଣି ସ୍କୁଲ୍‌ରେ ଛାଡ଼େ । ସାଙ୍ଗ ହୋଇ ବୁଲିବାକୁ ଗଲୁ । ଏପରିକି ଉଭୟଙ୍କ ମଧ୍ୟରେ ବହୁବାର ଦୈହିକ ସମ୍ପର୍କ ରହିଲା । ବାରମ୍ବାର ଅଫିସ୍ ଛୁଟି ନେଉଥିବାରୁ ଅଫିସ୍ ମୋତେ ବାହାର କରିଦେଲା । ତଥାପି ମଧ୍ୟ ମୁଁ ଘରୁ ଏବଂ ସାଙ୍ଗମାନଙ୍କ ଠାରୁ ବିଭିନ୍ନ ଆଳ ଦେଖାଇ ପଇସା ଆଣି ମୋର ପ୍ରେମିକା ପଛରେ ଖର୍ଚ୍ଚ କରେ । ହଠାତ୍ ଦିନେ ଆମ ପ୍ରେମରେ କଳା ବାଦଲ ଆସିଲା । ଲୁଚି ଲୁଚି ଏକ ଗଛ ମୂଳରେ ବସି କଥା ହେଉଥିବାବେଳେ ଘଟଣାଟିକୁ ଲୋକମାନେ ଦେଖିଦେଲେ, ଫଳରେ ଘଟଣାଟି ଗ୍ରାମରେ ପ୍ରଘଟ ହୋଇଗଲା । ଗାଁରେ ମିଟିଂ ବସିଲା । ସ୍କୁଲ୍‌ର ସମସ୍ତ ସଦସ୍ୟ ଏକାଠି ହେଲେ । ମୋର ବାପାଙ୍କୁ ସ୍କୁଲ୍‌କୁ ଡକାଗଲା । ଗାଁର ସରପଞ୍ଚଙ୍କ ସାମ୍ନାରେ ମୋତେ ଭୁଲ୍ ମାଗିବା ପାଇଁ କୁହାଗଲା । ଏପରିକି ଗାଁ ସ୍କୁଲ୍‌ର ସେ ଦିଦି ହୋଇଥିବାରୁ ଗାଁର ଇଜ୍ଜତ୍ ଯାଉଛି ବୋଲି କହି ବାପାଙ୍କୁ କାନଧରି ଉଠବସ୍ ହେବାପାଇଁ ସରପଞ୍ଚ ଆଦେଶ ପ୍ରଦାନ କଲେ । ବାପାଙ୍କର ଅପମାନକୁ ମୁଁ ଆଉ ଧୈର୍ଯ୍ୟଧରି ସହିପାରିଲି ନାହିଁ । ତେଣୁ ମୋ ମୋବାଇଲ୍‌ରେ ଥିବା ଅନ୍ତରଙ୍ଗ ମୁହୂର୍ତ୍ତର ଭିଡିଓକୁ ସରପଞ୍ଚଙ୍କୁ ଏକାନ୍ତରେ ଡାକି ଦେଖାଇଲି । ସରପଞ୍ଚ ଦେଖି ସାରିବା ପରେ ଦିଦିଙ୍କୁ ଡାକି ପଚାରିଲେ ଏବଂ ତଥାପି ମଧ୍ୟ ମୋ ଠାରୁ ପଞ୍ଚାୟତ ଏକ ଲେଖା ନେଇଗଲେ ଯେ, ମୁଁ ଆଉ ଦିଦିଙ୍କୁ ଫୋନ୍ କରିବି ନାହିଁ କିମ୍ବା ସ୍କୁଲ୍ ଆଖପାଖରେ ଦେଖାଦେବି ନାହିଁ । "ମୁଁ କୌଣସି ଭୁଲ୍ ନକରି ମଧ୍ୟ ଗାଁରୁ ଏକ ପ୍ରକାର ବାଛନ୍ଦ ହୋଇ ପଡ଼ିଛି" । ଡେଲାଙ୍ଗ ଥାନାର ଭାରପ୍ରାପ୍ତ ଅଧିକାରୀଙ୍କୁ ଏହି ବିଷୟରେ ଦେଖାକଲେ ମଧ୍ୟ ସେ ମୋତେ କହିଲେ ତୁମର ଅଭିଯୋଗ ଆମେ ଗ୍ରହଣ କରିପାରିବୁ ନାହିଁ । ମାତ୍ର ଯଦି ଉକ୍ତ ଶିକ୍ଷୟିତ୍ରୀ ତୁମ ନାମରେ ଲେଖିକରି ଦିଅନ୍ତି, ତେବେ ଆମେ ତୁମ ନାମରେ ଧର୍ଷଣ ଜନିତ ମାମଲା ରୁଜୁ କରିବୁ । ଏହି କଥା ଶୁଣି ମୁଁ ସମ୍ପୂର୍ଣ୍ଣ ଭାଙ୍ଗି ପଡ଼ିଛି । ବେଳେ ବେଳେ ଇଚ୍ଛା ହେଉଛି ଯେଉଁ ସୁରଟ୍ ଏକ୍ସପ୍ରେସ୍‌ରେ ଦେଖା ହୋଇଥିଲା ସେହି ଟ୍ରେନ୍‌ରେ ଆତ୍ମହତ୍ୟା କରିବା ପାଇଁ............

ବ୍ୟୋମକେଶ ତ୍ରିପାଠୀ (ଆଇନଜୀବୀ)
ପୁରୁଷ କମିଶନ୍ (ଆବାହକ)
ମୋ- ୯୪୩୭୧୬୪୩୯୯

ବି.ଦ୍ର: ଆପଣଙ୍କ ଜାଣତରେ ଯଦି କେଉଁଠି ପୁରୁଷ ନିର୍ଯ୍ୟାତନା ହେଉଛି ତେବେ ଆମକୁ ଜଣାନ୍ତୁ ଯଥା ସମ୍ଭବ ଆମେ ଆଇନ୍‌ଗତ ସହଯୋଗ କରିବୁ ।